**'ମୁଁ ବି ଭୋଟଦାତା ହେବି' କାର୍ଯ୍ୟକ୍ରମ**

ଜୟପୁର, (ନି. ପ୍ର. )-ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟଠାରେ 'ମୁଁ ବି ଭୋଟର ହେବି' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ଡ଼. ବିବେକାନନ୍ଦ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ନୂଆ। ଭୋଟଦାତା ଛାତ୍ରୀମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦାୟିତ୍ୱବାନ ନାଗରିକମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। କିପରି ସହଜ ଓ ସରଳ ଭାବରେ ଭୋଟ ତାଲିକାରେ ନିଜ ନାମ ପଞ୍ଜୀକରଣ କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ତହସିଲଦାର ପ୍ରଧାନ ତୁଳିଆମ୍ମା ଛାତ୍ରୀମାନଙ୍କୁ ନିଜେ ଭୋଟର୍ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ନାମ ପଞ୍ଜୀକରଣ କରିବା ପାଇଁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଡ଼ ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।




# ୧୦ରୁ ଖରିଫ ଧାନ ସଂଗ୍ରହ

**ନବରଙ୍ଗପୁର,୧୬।୧୧(ବି.ପ୍ର.)**

ନବରଙ୍ଗପୁର ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଋତୁରେ ଚାଷୀ ମଣ୍ଡିରେ ଧାନ ବିକ୍ରିକରି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଯେପରି ପାଇପାରିବେ ସେ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ଖରିଫ ଋତୁରେ ଜିଲାରେ ୨୯ ହଜାର ୬୨୫ ଜଣ ଚାଷୀ ତାଙ୍କର ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଥିବା ଯୋଗାଣ ଅଧିକାରୀ ପ୍ରକାଶ କରିଛନ୍ତି। ବିଗତ ବର୍ଷ ବହୁ ଚାଷୀଙ୍କ ନାମ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ନେଇ ବୈଠକରେ ବିଧାୟକ ଓ ବିଧାୟକଙ୍କ ପ୍ରତିନିଧି ଉଦ୍‌ବେଗ ପ୍ରକାଶ କରିଥିଲେ। ବିଗତ ବର୍ଷରେ ମଣ୍ଡିଗୁଡ଼ିକରେ ଦେଖାଦେଇଥିବା ସମସ୍ୟା ଯେପରି ଚଳିତ ବର୍ଷ ନ ଉପୁଜେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଖରିଫ ଋତୁ ଧାନ ସଂଗ୍ରହ ଗାଇଡ୍‌ଲାଇନ ଅନୁସାରେ ଲ୍ୟାମ୍ପସ, ପ୍ୟାକ୍ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଜରିଆରେ ଚାଷୀ ସେମାନଙ୍କ ଧାନ ବିକ୍ରି କରିପାରିବେ। ଜିଲାର ୫୫ ମଣ୍ଡିରୁ ଆସନ୍ତା ୧୦ ତାରିଖରୁ ଖରିଫ୍ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ମଣ୍ଡିରେ କୌଣସି ଦଲାଲ ଯେପରି ପ୍ରବେଶ ନ କରନ୍ତି ସେଥିପାଇଁ କଡ଼ା ନଜର ରଖିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ୍ ଋତୁରେ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଧାର୍ଯ୍ୟ ହୋଇଛି। ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ମଣ୍ଡିରୁ ଠିକ୍ ସମୟରେ ଧାନ ଉଠାଇବା ସହିତ ଉନ୍ନତ ମାନର ଚାଉଳ ଯୋଗାଇବା ପାଇଁ ସମ୍ପୃକ୍ତ ମିଲର୍ସଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ନବରଙ୍ଗପୁର ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ତ୍ରିପାଠୀ, କୃଷକ ପ୍ରତିନିଧି ଝଡ଼େଶ୍ୱର ଖାଡ଼ଙ୍ଗା, ବୃନ୍ଦା ତ୍ରିପାଠୀ, ମଣ୍ଟୁ ପଟ୍ଟନାୟକ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଡିଆରଡିଏ ପିଡି ରତ୍ନାକର ସାହୁ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଆର୍‌ଏମ୍‌ସି ସମ୍ପାଦକ ଚନ୍ଦ୍ର ସେଠିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ହିଆଲ, ଜିଲା ଯୋଗାଣ ବିଭାଗ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିସିଏସ୍‌ଓ ଲକ୍ଷ୍ମଣ ରାଓ, ଦୁର୍ଗା ମାଝି, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଚନ୍ଦ୍ରଶେଖର ସେଠିଆ, ଯୋଗାଣ ନିରୀକ୍ଷକ ପ୍ରିୟରଞ୍ଜନ ନାୟକ, ରାଜେଶ ଶବର, ରାମଚନ୍ଦ୍ର ଖିଲ, ଦେବେନ୍ଦ୍ର ପଟ୍ଟନାୟକ, ଜିଲା ମିଲ୍ ମାଲିକ ସଂଘ ସଭାପତି ପ୍ରଦୀପ ମିଶ୍ର, ସମ୍ପାଦକ ବିଶ୍ୱମ୍ଭର ଦାସଙ୍କ ସମେତ ଯୋଗାଣ ବିଭାଗ ଓ ଆର୍‌ଏମସିର ବହୁ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ,ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ୭ ସ୍କୁଲର ରୂପାନ୍ତରଣ

ରାୟଗଡା ଅଫିସ, ୧୬।୧୧-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନସିଂରେ ୫ଟି ଅଧୀନରେ ରାୟଗଡ଼ା ଜିଲାର ୭ଟି ରୂପାନ୍ତରଣ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଦୁର୍ଗୀ ପଞ୍ଚାୟତ ସମିତି ହାଇସ୍କୁଲ, ଶିକରପାଇ ସରକାରୀ ହାଇସ୍କୁଲ, କାଶୀପୁର ସରକାରୀ ହାଇସ୍କୁଲ, କୁମୁଟିପେଟାର ଉଗ୍ରତାରା ହାଇସ୍କୁଲ କୁମୁଟିପେଟା, ରାମନାଗୁଡା ସରକାରୀ ହାଇସ୍କୁଲ, ଗୁଣୁପୁର ସରକାରୀ ହାଇସ୍କୁଲ ଏଥିରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟାସୁଧୀର ଦାସ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁୱାଲା, ଜିଲାପାଳ ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ହିନ୍ଦୁ ମହାସଂଘ ପକ୍ଷରୁ ଥାନାରେ ଏତଲା

ପାପଡାହାଣ୍ଡି,୧୬।୧୧(ଡି.ଏନ୍.ଏ.)-ରାଜନେତା ସଲମାନ ଖୁର୍ସିଦ ଓ ରସିଦ ଅଲବି ହିନ୍ଦୁ ଧର୍ମ, ହିନ୍ଦୁ ସଭ୍ୟତା ଓ ଶ୍ରୀରାମ ଭକ୍ତଙ୍କୁ ଅପମାନ କରିଥିବାରୁ ଉଭୟଙ୍କ ବିରୋଧରେ ମଙ୍ଗଳବାର ପାପଡାହାଣ୍ଡି ଥାନାରେ ଏତଲା ଦିଆଯାଇଛି। ସଲମାନ ନିଜର ବିବାଦୀୟ ପୁସ୍ତିକା ସନରାଇଜ ଓଭର ଆୟୋଧାରେ ହିନ୍ଦୁତ୍ୱକୁ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ଆଇଏସଆଇଏସଆଇ ଓ ବୁକାହାରମ ଆତଙ୍କବାଦୀଙ୍କ ସହ ତୁଳନା କରିଛନ୍ତି। ସେହିପରି ଅଲବି ଶ୍ରୀରାମ ଭକ୍ତଙ୍କୁ ନିଶାଚର ରାକ୍ଷସ ସହ ତୁଳନା କରିଛନ୍ତି। ହିନ୍ଦୁ ମହାସଂଘ ଏହାକୁ ବିରୋଧ କରି ପାପଡାହାଣ୍ଡି ଥାନାଧିକାରୀ ଶୁବେନ୍ଦୁ ଶବରଙ୍କୁ ଏତଲା ଦେଇଛନ୍ତି। ପୋଲିସ ୮/୨୧ରେ ମାମଲା ରୁଜୁ କରିଛି।

### ଅର୍ଥ ଲୋଭ ଦେଇ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ

ପାପଡାହାଣ୍ଡି,୧୬।୧୧, (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଞ୍ଚଳର ଜଣେ ଯୁବକ ଅର୍ଥ ଲୋଭ ଦେଖାଇ ଲୋକଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ କହୁଥିବା ନେଇ ହିନ୍ଦୁ ମହାସଂଘ ଥାନାରେ ଅଭିଯୋଗ କରିଛି। ହିନ୍ଦୁ ମହାସଂଘ ସଭାପତି ଜୟନ୍ତ ପାତ୍ର ଓ ପାପଡାହାଣ୍ଡି ଅଞ୍ଚଳର ମହେନ୍ଦ୍ର ବିଶ୍ୱାଳ, ତ୍ରିନାଥ ମାଝୀ, ଭୁବନେଶ୍ୱର ନାୟକ ସହ ଅନ୍ୟ ଯୁବକ ଥାନାରେ ଏତଲା ଦେଇଛନ୍ତି | ପୋଲିସ ୯/୨୧ରେ ମାମଲା ରୁଜୁ କରିଛି।

### ସାମାଜିକ କର୍ମୀଙ୍କୁ 'ସର୍ବୋଦୟ ସେବା ସମ୍ମାନ'



ଚନ୍ଦାହାଣ୍ଡି, ୧୬।୧୧(ଡି.ଏନ୍.ଏ.) ଆଚାର୍ଯ୍ୟ ବିନୋବା ଭାବେଙ୍କ ୪୦ତମ ଶ୍ରାଦ୍ଧବାର୍ଷିକ ଅବସରରେ ବିନୋବା ଭାବେ ସେବା ପ୍ରତିଷ୍ଠାନ ଓ ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେଶନ (ନୂଆଦିଲ୍ଲୀ) ପକ୍ଷରୁ ଭୁବନେଶ୍ୱର ରୋଟାରି ଭବନରେ 'ଭୂଦାନ ଆନ୍ଦୋଳନ ଓ ଆତ୍ମନିର୍ଭର ଭାରତ' କର୍ମଶାଳା କରାଯାଇଛି। ଏଥିରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସାମାଜିକ କର୍ମୀ ଦିଲୀପ ଦାସଙ୍କୁ 'ସର୍ବୋଦୟ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଭାରତୀୟ ନିର୍ବାଚନ କମିଶନର ପୂର୍ବତନ ପରାମର୍ଶଦାତା ତଥା ବିନୋବା ସେବା ପ୍ରତିଷ୍ଠାନ ଅଧକ୍ଷ ଡ. ଭଗବାନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ଲୋକସେବକ ମଣ୍ଡଳ ସଭାପତି ଦୀପକ ମାଲବ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସଡ଼କ ପରିବହନ ନିଗମ ସମ୍ପାଦକ ମନୋରଞ୍ଜନ ମହାପାତ୍ର ମୁଖ୍ୟବକ୍ତା, ଗାନ୍ଧୀବାଦୀ ନେତ୍ରୀ ନମ୍ରତା ଚଢ଼ା, ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ବିରଜା ଦେବୀ, ଡ. ରୀନା ରାଉତରାୟ, ଡ. ସୁମିତ୍ରା ଦେବୀ, ଜାତୀୟ ମାନବାଧିକାର କମିଶନ ତଥା ବିନୋବା ସେବା ପ୍ରତିଷ୍ଠାନ (ଦିଲ୍ଲୀ) ସାଧାରଣ ସମ୍ପାଦକ ମନୋଜ ଜେନା, ଜୟକିରଣ ଟ୍ରଷ୍ଟ ସମ୍ପାଦିକା ସୁମିତ୍ରା ଜେନା, ପ୍ରୋଗ୍ରାମ ସଂଯୋଜକ କାଳିଚରଣ ସିଂ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନା ଶୀର୍ଷକରେ ସନ୍ଥ ବିନୋବା ଭାବେଙ୍କ ଜୀବନୀ ଓ ମହାତ୍ମା ଗାନ୍ଧୀଙ୍କ ସହ ଭୂଦାନ ଆନ୍ଦୋଳନ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ୨୦ଜଣ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଛି।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ



ଜୟପୁର,୧୬।୧୧(ନି.ପ୍ର.)–ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ବେଳେ ସଦର ପୋଲିସ ଚଢ଼ାଉ କରି ଏହାକୁ ଧରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ପରଭେଜ (୨୮) ଓ ବୀରେନ୍ଦ୍ର ସିଂ (୩୦)। ସେମାନଙ୍କଠାରୁ ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ୨୧ କେଜି। ଏହାର ବଜାର ମୂଲ୍ୟ ୧କୋଟି ହେବ ବୋଲି କୁହାଯାଉଛି। ଖବରରୁ ଜଣାପଡ଼ିଛି, କୋରାପୁଟ ସୀମାନ୍ତ ଅଞ୍ଚଳରୁ ଏକ କଣ୍ଟେନରରେ ଗଞ୍ଜେଇ ଧରି ଜୟପୁର ଦେଇ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ସୂଚନା ପାଇ ପୋଲିସ ୨୬ ନଂ. ଜାତୀୟ ରାଜପଥର ଜୟପୁର ଘାଟି ଶିବ ମନ୍ଦିର ନିକଟରେ ଜଗି ରହିଥିଲା। କଣ୍ଟେନର ପହଞ୍ଚିବା ପରେ ଚଢ଼ାଉ କରି ଏହାକୁ ଜବତ କରାଯାଇଥିଲା ବୋଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି। ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ସୂଚନାରୁ ସମୀକ୍ଷା ପର୍ଯ୍ୟନ୍ତ ଅଧିକାର ପାଇଛି ଗଣମାଧ୍ୟମ

**ନବରଙ୍ଗପୁର, (ବି.ପ୍ର.)/ ରାୟଗଡ଼ା ଅଫିସ, ୧୬।୧୧**

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆରଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ପିଏ ଆଇଟିଡିଏ ଭୀମସେନ ମାଝୀ, ଡିଇଓ ପ୍ରଦୀପ ନାଗ ଯୋଗ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ଡକ୍ଟର ବିଜୟ ମିଶ୍ର ଏବଂ ଡ.ସଂଯୁକ୍ତା ପଣ୍ଡା ଯୋଗ ଦେଇଥିଲେ। 'ବିଶ୍ୱ ମହାମାରୀ ପରିପେକ୍ଷୀରେ ଗଣମାଧ୍ୟମର ଏକ ନୂତନ ଆହ୍ୱାନ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗଣମାଧ୍ୟମ ବିନା ଆମେ ଆଜି ଅଚଳ। ଗଣମାଧ୍ୟମ ହେଉଛି ଆମର ଜଣେ ବିଶ୍ୱସ୍ତ ବନ୍ଧୁ, ସବୁ ଜଟିଳ ପରିସ୍ଥିତିରେ ସେ ଆମ ଗହଣରେ ଠିଆ ହୋଇଥାଏ। ଯାହାକି କରୋନା କାଳରେ ସ୍ପଷ୍ଟ ହୋଇଛି। ସୂଚନାରୁ ସମୀକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ଅଧିକାର ପାଇଛି ଗଣମାଧ୍ୟମ। ଗଣମାଧ୍ୟମ ପ୍ରତିନିଧି ଏକବିଂଶ ଶତାବ୍ଦୀର ମହାନଯୋଦ୍ଧା ବୋଲି ମୁଖ୍ୟବକ୍ତା କହିଛନ୍ତି। ନବରଙ୍ଗପୁର ଓୟୁଜେ ସାମ୍ବାଦିକ ସଂଘ, ଏସ୍‌ୟୁଜେ ସାମ୍ବାଦିକ ସଂଘ ସମ୍ପାଦକ ସଦାଶିବ ପ୍ରହରାଜ ଏବଂ ଓଜେୟୁ ସାମ୍ବାଦିକ ସଂଘ ସଭାପତି ବାଙ୍କ ବିହାରୀ ବିଶୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରାଜେନ୍ଦ୍ର ମାଝିଙ୍କ ସମେତ ସମସ୍ତ କର୍ମଚାରୀ ଓ ଅନେକ ଖବରଦାତା ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

ରାୟଗଡା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛ। ଜିଲାପାଳ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି, ଏସ୍‌ପି ବିବେକାନନ୍ଦ ଶର୍ମା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବାଦଲ କୁମାର ତା' ଯୋଗ ଦେଇଥିଲେ। ବୟୋଜେଷ୍ଠ ସାମ୍ବାଦିକ ନୃସିଂହନାଥ ପାଢୀ, ବାସୁଦେବ ପାତ୍ର, ପରମାନନ୍ଦ ଦାସ, ଲୋକନାଥ ପାଣିଗ୍ରାହୀ, ସି.ଏଚ.ଗଣେଶ୍ୱର ରାଓ, ଦେବୀ ଚୌଧୁରୀ, ଦିଲ୍ଲୀପ ପଣ୍ଡା ଏବଂ ପୂର୍ଣ୍ଣଚନ୍ଦ୍ର ରଥଙ୍କୁ ସମ୍ମାନିତ କରାଯାଇଛି। ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ କରିବାକୁ ଅତିଥିମାନେ ଖବରଦାତାଙ୍କୁ କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଗୁଣପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ମଞ୍ଚ ସଂଯୋଜନା କରିଥିଲେ।

## ପେନସନ ନ ମିଳିଲେ ଆନ୍ଦୋଳନ କରିବୁ

**ଡାବୁଗାଁ, ୧୬।୧୧ (ଡି.ଏନ୍.ଏ.)**


ପେନସନଧାରୀମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ପେନସନଧାରୀଙ୍କୁ ୨ ମାସ ହେବ ପେନଶନ ମିଳିନାହିଁ। ଶତାଧିକ ଅସନ୍ତୁଷ୍ଟ ପେନଶନଧାରୀ ମଙ୍ଗଳବାର ଡାବୁଗାଁ ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ବିଡିଓ ଶରତ ମାଝିଙ୍କୁ ଭେଟିଛନ୍ତି। ସେମାନେ ଅସୁବିଧା ସମ୍ପର୍କରେ ବିଡିଓଙ୍କୁ ଲିଖିତଭାବେ ଜଣାଇଛନ୍ତି। ପୂର୍ବଭଳି ନିୟମିତ ଭାବେ ଟଙ୍କା ନ ମିଳିଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପେନସେନ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାସବୁକ ଭେରିଫିକେସନ୍ କରି ପେନସନଧାରୀଙ୍କ ଆକାଉଣ୍ଟରେ ଟଙ୍କା ଛାଡିଥିଲେ ଏଭଳି ଅସୁବିଧା ହୋଇ ନଥାନ୍ତା। ୨୫ତାରିଖ ସୁଦ୍ଧା ସବୁ ପେନସନଧାରୀ ଠିକ୍‌ଭାବେ ଟଙ୍କା ପାଇବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ଡାବୁଗାଁ ପଞ୍ଚାୟତ ସମିତି ଅଧକ୍ଷ ବଂଶୀଧର ମାଝୀ, ପୂର୍ବତନ ସରପଞ୍ଚ ବିନାଦ ସୌରା ଏବଂ ଅନ୍ୟମାନ ଉପସ୍ଥିତ ଥିଲେ।

## ୨ ଚୋରଙ୍କୁ ଧରିଲେ ଗ୍ରାମବାସୀ

**ମାଲକାନଗିରି,୧୬।୧୧(ଡି.ଏନ.ଏ.)**

ଚୋରି କରିବାକୁ ଗ୍ରାମରେ ପଶିଥିବା ଚୋରଙ୍କୁ ଧରିଛନ୍ତି ଗ୍ରାମବାସୀ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିୱଡା ପଞ୍ଚାୟତର ଏମଭି–୨୪ ନମ୍ବର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ରାତି ଅଧରେ ୨ଜଣ ଚୋର ଗ୍ରାମର ପରିମଳ ବିଶ୍ୱାସଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲେ। ତେବେ ପରିମଳ ଏହା ଜାଣିପାରି ନିଜ ଘରେ ପଶିଥିବା ଚୋରଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ଚୋରମାନେ ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ପରିମଳ ପଡୋଶୀ ଘର ଓ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ଚୋର ଦୁହିଁଙ୍କୁ ଧରିଥିଲେ। ସେମାନଙ୍କ ଘର ମାଲକାନଗିରି ସଦର



ଥାନା ଅନ୍ତର୍ଗତ ଏମ୍‌ଭି–୧୩ ନମ୍ବର ଗ୍ରାମରେ। ରାତି ସାରା ଉଭୟଙ୍କୁ ଅଟକ ରଖିବା ପରେ ସକାଳେ ସେମାନଙ୍କୁ ମାଲକାନଗିରି ଥାନା ଜିମା ଦେଇଥିଲେ।

## 'ସତ୍ୟ, ନିର୍ଭୀକ ଖବର ସୁସ୍ଥ ସମାଜ ଗଠନରେ ସହାୟକ ହୁଏ'

**କୋରାପୁଟ,୧୬।୧୧(ସ୍ୱ.ପ୍ର.)**

ଖବରଦାତାମାନେ ନିଷ୍ଠାପର ନିର୍ଭୀକ ଭାବେ ସତ୍ୟ ଖବର ପରିବେଷଣ କଲେ ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବ ବୋଲି ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ଅବସରରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ କହିଛନ୍ତି। ଖବରଦାତାଙ୍କୁ ମଧ୍ୟ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସହଯୋଗ କରିବା ଉଚିତ୍ ସେ କହିଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ବିଭାଗ ପ୍ରଫେସର ଡ. ପ୍ରଦୋଷ କୁମାର ରଥ ଯୋଗଦେଇ ଖବରାଦାତାମାନେ ପ୍ରେସ କାଉନସିଲ ଗାଇଡଲାଇନ ଅନୁଯାୟୀ ଖବର ପରିବେଷଣ କରିବା ଦରକାର ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଯୋଗଦେଇ ଖବରଦାତାମାନେ ହେଉଛନ୍ତି ଜିଲ୍ଲା ପ୍ରଶାସନର ଏକ ପରିବାର ସଦୃଶ । ଜିଲ୍ଲା ପ୍ରଶାସନ ଓ ଖବରଦାତାମାନେ ମିଳିତ ଉଦ୍ୟମ ଦ୍ୱାରା ଜିଲ୍ଲାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲାର ବରିଷ୍ଠ ଖବରଦାତା ଭାବାନୀ ଶଙ୍କର ମିଶ୍ର, ରଞ୍ଜନ ଦାସ, ସିଏଚ ସାନ୍ତାକାର, ଅମିତାଭ ବେହେରା, ପ୍ରଶାନ୍ତ ସାମନ୍ତରାୟ, ଘନଶ୍ୟାମ ରଥ, ସୁବୋଧ କୁମାର ଚେଟ୍ଟି, ଭୁଷିତ ବିଡିକା, ଗୋପାଳ ପାଢୀ, ହୃଷିକେଷ ମିଶ୍ରଙ୍କ ସମେତ ଅନ୍ୟମାନେ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଖବରଦାତାମାନଙ୍କୁ ସହଯୋଗ କରାଯିବା ଆବଶ୍ୟକ ବୋଲି ମତ ରଖିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ବଣ୍ଡା ଶିଶୁଙ୍କ ଅପପୁଷ୍ଟି ରୋକିବାକୁ ପ୍ରୟାସ

**ମାଲକାନଗିରି,୧୬।୧୧(ଡି.ଏନ୍.ଏ.)**

**୨ଶହ ଶିଶୁଙ୍କୁ ବଣ୍ଟାଗଲା କ୍ଷୀର**

ମାଲକାନଗିରି ଜିଲା ବଣ୍ଡାଘାଟିରେ ବସବାସ କରୁଥିବା ବଣ୍ଡା ଜନଜାତିର ଅଧିକାଂଶ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲା। ସେହି ଅନୁଯାୟୀ ଚିତ୍ରକୋଣ୍ଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରୋବର୍ତ୍ତନ, ଡିଡାଇ ଉନ୍ନୟନ ସଂସ୍ଥା ସହଯୋଗରେ ବଣ୍ଡାଘାଟି, ମୁଦୁଲିପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଙ୍ଗନୱାଡିରେ ଅଧ୍ୟୟନ କରୁଥିବା ୨ଶହରୁ ଊର୍ଦ୍ଧ୍ୱ ଶିଶୁଙ୍କୁ କ୍ଷୀର ବଣ୍ଟନ କରିଛି। ଶିଶୁମାନଙ୍କୁ ପ୍ରଶାସନ ପକ୍ଷରୁ ଶୀତବସ୍ତ୍ର, ବୁଟ୍, ପୋଷାକ, ସାବୁନ ମଧ୍ୟ ପ୍ରଦାନ କରାଯାଇଛି। କିର୍ସାନିପଡା, ବଡପଡା, ପଡେଇଗୁଡା, ଆର୍‌ଏସ୍‌ସି–୧୯, ନୂଆଗୁଡା ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଆରମ୍ଭ ହୋଇଛି। ଏଥିରେ ପରୋବର୍ତ୍ତନର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ଶୁକ୍ଲା, ଆଶାକର୍ମୀ ଜ୍ୟୋତି ବଡନାୟକ, ଲଛମା କିର୍ସାନୀ, ମଙ୍ଗୁଳି କିର୍ସାନୀଙ୍କ ସହ ସ୍ୱେଚ୍ଛାସେବୀ ପାର୍ବତୀ ଦୋରା, ଘାସି ଚାଲାଣ, ରଘୁ କିର୍ସାନି ପ୍ରମୁଖ ସାମିଲ ହୋଇଥିଲେ।

## ବୋଡା ସାପ ଉଦ୍ଧାର

**ବୈପାରୀଗୁଡା,୧୬।୧୧ (ଡି.ଏନ୍.ଏ.)**

ମଙ୍ଗଳବାର ବୈପାରିଗୁଡା ଅଞ୍ଚଳରୁ ଏକ ବୋଡାସାପ ଉଦ୍ଧାର ହୋଇଛି। ଜଣେ ବ୍ୟକ୍ତି ଏହାକୁ ଆହତ ଅବସ୍ଥାରେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।



## ମତଦାନ ସମ୍ପର୍କିତ ସଚେତନତା ସଭା

**ଦଶମନ୍ତପୁର,୧୬।୧୧ (ଡ଼ି.ଏନ୍.ଏ )**

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ରାଧାକୃଷ୍ଣଆଦିବାସୀମହାବିଦ୍ୟାଳୟଠାରେ ମଙ୍ଗଳବାର କଲେଜ ଛାତ୍ରୀ ଛାତ୍ରଙ୍କୁ ନେଇ ମତଦାନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତ୍ରିନାଥ ପାତିକା ଅଧକ୍ଷତା କରିଥିଲେ। ବିଡ଼ିଓ ଡମ୍ବରୁଧର ମଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅଧାପକ ସୁକାନ୍ତ ବାଣୁଆ, ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ପତିତପାବନ ସେନାପତି ଯୋଗ ଦେଇଥିଲେ। ଦେଶର ନାଗରିକ ଭାବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୁବତୀଯୁବକଙ୍କ ଭୋଟ ଦେବା ଅଧିକାର ରହିଛି। ଦେଶର ବିକାଶ ଓ ସୁଶାସନ ପାଇଁ ମତଦାନ ଏକ ବଳିଷ୍ଠ ପଦକ୍ଷେପ। ଏଥିରେ ସମସ୍ତଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ଯେଉଁମାନଙ୍କୁ ୧୮ ବର୍ଷ ହୋଇଯାଇଛି ସେହି ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳରେ ଥିବା ବିଏଲ୍‌ଓଙ୍କ ସହ ଯୋଗାଯୋଗ କରି ନାମ ପଞ୍ଜୀକରଣ କରାଇ ନେବା ଏବଂ ଭୋଟର୍ ତାଲିକାରେ ନାମ ପ୍ରକାଶ ପାଇଲେ ସେମାନେ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ପର୍ଶୁରାମ ସାହୁ ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ଶିବିର

**ବୈପାରୀଗୁଡା,୧୬।୧୧ (ଡ଼ି.ଏନ୍.ଏ.)**

ମଙ୍ଗଳବାର ବୈପାରିଗୁଡାରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ଅଭିମନ୍ୟୁ କବି ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୩୪୭ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିଲେ। ଏମାନଙ୍କ ମଧ୍ୟରେ ଅସ୍ଥିଶଲ୍ୟ ୧୭୬ ଜଣ, ଦୃଷ୍ଟିଶକ୍ତିବାଧକ ୫୬, ମାନସିକ ଅନଗ୍ରସର ୫୦ ଜଣ, ଶ୍ରବଣଶକ୍ତିବାଧିତ ୬୫ ଜଣ ଥିଲେ। ବିଧାୟକ ରଘୁରାମ ପଡାଲ ୧୬ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଏସ୍‌ଓ ସିମାଞ୍ଚଳ ମହାପାତ୍ର ଓ ଏସ୍‌ଏସ୍‌ଓ ସୌଦାମିନୀ ପ୍ରଧାନ ଉପସ୍ଥିତ ଥିଲେ।

## ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ଉପରେ ଗୁରୁତ୍ୱ

**ମାଲକାନଗିରି,୧୬।୧୧(ଡି.ଏନ.ଏ.)**

**ଜିଲା ଉନ୍ନୟନ ପରିଷଦ ବୈଠକ**
- ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସାରିବାକୁ ପରାମର୍ଶ
- ଶିଶୁ ଅପପୁଷ୍ଟି ଶିକାର ନେଇ ହୋଇଥିଲା ଆଲୋଚନା
- ରେଲୱେ, ବ୍ୟାଙ୍କିଙ୍ଗ୍ ସହ ଇଣ୍ଟରନେଟ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ

ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ଉନ୍ନୟନ ପରିଷଦ ବୈଠକ ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଡିଏଫ୍‌ଓ ପ୍ରତାପ କତାପାଲି, ପିଡି ବାଳମୁକୁନ୍ଦ ଭୂୟାଁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷକରି ମାଲକାନଗିରି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଅର୍ଥଖର୍ଚ୍ଚ, କାର୍ଯ୍ୟର ଅଗ୍ରଗତି, ରେଲୱେ, ବ୍ୟାଙ୍କିଙ୍ଗ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସମସ୍ତ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏମ୍‌ପି ଏବଂ ବିଧାୟକମାନେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଚାଷୀଙ୍କ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯେପରି କୋଭିଡ ନିୟମ ମାନି ଅଫ୍‌ଲାଇନରେ ଶିକ୍ଷା ଗ୍ରହଣ କରିବେ ଏବଂ ସେମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ସହ ଖାଦ୍ୟ ପୋଷାକ ସହାୟତା ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ଜିଲାରେ ଅପପୁଷ୍ଟି ରୋକିବା ପାଇଁ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ସୁଷମ ଖାଦ୍ୟ ଉପରେ ଆଲୋଚନା କରାଯାଇ ଯେପରି କୌଣସି ଶିଶୁ ଅପପୁଷ୍ଟିର ଶିକାର ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ଏବଂ ଶ୍ରମିକ ମାନେ ଯେପରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ନ ଯାଆନ୍ତି ସେଥିପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।



ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସ୍ୱାଭିମାନ ଅଞ୍ଚଳରେ ବିଜେଡିର ନିର୍ବାଚନୀ ବୈଠକ

**ଚିତ୍ରକୋଣ୍ଡା,୧୬।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଗାଜୁଲୁମାମୁଡ଼ି ପଞ୍ଚାୟତରେ ବିଜେଡି ପକ୍ଷରୁ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କର୍ମୀମାନଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ପୀତାମ୍ବର ଖେମୁଣ୍ଡୁ, ତପନ ସାହା,କମଲୁ ହନ୍ତାଳ, ଘେନୁ ହନ୍ତାଳ,ଆନ୍ଦ୍ରୁ ଗାଲେଲ, ରଘୁ ଖରା, ପ୍ରସାଦ ଅନୁପାଲ ପ୍ରମୁଖ ଯୋଗଦେଇ ସ୍ୱାଭିମାନ ଅଞ୍ଚଳରେ ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଗ୍ରାମ, ପଞ୍ଚାୟତଠାରୁ ଆରମ୍ଭ କରି ପ୍ରତ୍ୟେକ ବୁଥ୍ ସ୍ତରରୁ ଦଳକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳର ବହୁ କର୍ମୀ ବୈଠକରେ ଉପସ୍ଥିତ ଥିଲେ।

